# NATIONAL NEWS BULLETIN (ODIA)

## 11 October- 2025

## Mid Bulletin : 1.50 p.m.

## ମୁଖ୍ୟ ସମ୍ବାଦ

- ଦେଶର କୃଷକ, ପଶୁପାଳକ ଓ ମତ୍ସ୍ୟଜୀବୀଙ୍କ କଲ୍ୟାଣ ନିମନ୍ତେ ଆଜି ନୂଆଦିଲ୍ଲୀରେ ଦୁଇଟି ଯୋଜନାର ଶୁଭାରମ୍ଭ କଲେ ପ୍ରଧାନମନ୍ତ୍ରୀ
- ବିହାର ବିଧାନସଭା ନିମନ୍ତେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ରାଜନୈତିକ ଦଳଗୁଡ଼ିକ ଚଳଚଞ୍ଚଳ
- ଇସ୍ରାଏଲ୍ ଓ ଇଜିପ୍ଟ ଯାତ୍ରା କରି ପଣବନ୍ଦୀଙ୍କୁ ଆସନ୍ତାକାଲି ମୁକ୍ତ କରିବେ ଆମେରିକା ରାଷ୍ଟ୍ରପତି

ଏବଂ

- ଭାରତ-ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦ୍ୱିତୀୟ ଟେଷ୍ଟମ୍ୟାଚ୍‌ର ଦ୍ୱିତୀୟ ଦିନରେ ୫ ୱିକେଟ୍ ବିନିମୟରେ ୫୧୮ ରନ୍ ସଂଗ୍ରହ କରିଛି ଭାରତ ।

# ପିଏମ୍

ଦେଶର କୃଷକ, ପଶୁପାଳକ ଏବଂ ମତ୍ସ୍ୟଜୀବୀଙ୍କ କଲ୍ୟାଣ ନିମନ୍ତେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀରେ ଅନେକଗୁଡ଼ିଏ ଯୋଜନାର ଶୁଭାରମ୍ଭ କରିଛନ୍ତି । ପିଏମ୍ ଧନଧାନ୍ୟ କୃଷି ଯୋଜନାର ଶୁଭାରମ୍ଭ କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶକୁ ଆତ୍ମନିର୍ଭରଶୀଳ କରିବା ପାଇଁ ଏବଂ କୃଷକମାନଙ୍କ ବହୁବିଧ କଲ୍ୟାଣ ନିମନ୍ତେ ୨ଟି ନୂଆ ଯୋଜନାର ଶୁଭାରମ୍ଭ କରାଯାଇଛି। ଏଥିଲାଗି ୩୫ ହଜାର କୋଟିରୁ

ଅଧିକ ଟଙ୍କାର ବ୍ୟୟ ବରାଦ କରାଯାଇଥିବା ଶ୍ରୀ ମୋଦୀ କହିଛନ୍ତି । ପ୍ରଥମ ଯୋଜନାଟି ପି.ଏମ୍. ଧନଧାନ୍ୟ କୃଷି ଯୋଜନା ଓ ଦେଶକୁ ଡାଲି କ୍ଷେତ୍ରରେ ଆତ୍ମନିର୍ଭର କରିବା ଉଦ୍ଦେଶ୍ୟରେ ଦ୍ୱିତୀୟଟି ଯୋଜନାଟି ହେଉଛି ଦଲହନ୍ ଆତ୍ମନିର୍ଭର ଅଭିଯାନ ।

**V/O (Modi-1)**

ଏହି ଅବସରରେ ଶ୍ରୀ ମୋଦୀ କହିଛନ୍ତି, କୃଷିକ୍ଷେତ୍ରରେ ସରକାର ଅନେକ ଗୁଡ଼ିଏ ବିକାଶମୂଳକ ପଦକ୍ଷେପ ଗ୍ରହଣ କରିଥିବା ବେଳେ ପି.ଏମ୍. ଧନଧାନ୍ୟ କୃଷି ଯୋଜନାରେ ବଜାର ଉପଲବ୍ଧ କରିବାଠାରୁ ଏଥିରେ ସଂସ୍କାର ଆଣିବା ପର୍ଯ୍ୟନ୍ତ ସମସ୍ତ ବ୍ୟବସ୍ଥା କରାଯାଇଛି । ସେ କହିଛନ୍ତି ପ୍ରଥମ ପର୍ଯ୍ୟାୟରେ ଦେଶର ୧୦୦ଟି ଜିଲ୍ଲାରେ ଏହି ଯୋଜନା କାର୍ଯ୍ୟକାରୀ ହେବ । ୩ଟି ମାନଦଣ୍ଡ ଜରିଆରେ ଏହି ଯୋଜନାର ସଫଳତା ମୂଲ୍ୟାଙ୍କନ କରାଯିବ ।

**V/O (Modi-2)**

ପ୍ରଥମତଃ ଜମିରେ ଉତ୍ପାଦନର ପରିମାଣ, ଦ୍ୱିତୀୟଟି ହେଉଛି ଗୋଟିଏ ଜମିରେ କୃଷିକାର୍ଯ୍ୟ ହେବାର ବାରମ୍ବାରତା ଏବଂ ତୃତୀୟଟି ହେଉଛି କୃଷକମାନଙ୍କୁ ଋଣ ଉପଲବ୍ଧତାରେ ସହଜତା ।

**V/O (Modi-3)**

ସେହିପରି ଦଲହନ୍ ଆତ୍ମନିର୍ଭର ଅଭିଯାନରେ କେବଳ ଡାଲି ଜାତୀୟ ଶସ୍ୟର ଉତ୍ପାଦନ ବୃଦ୍ଧି ନୁହେଁ, ବରଂ ଭବିଷ୍ୟତ ପିଢ଼ି ଯେଭଳି ଏ କ୍ଷେତ୍ରରେ ସଶକ୍ତ ହୋଇପାରିବେ, ତା ଉପରେ ମଧ୍ୟ ପ୍ରାଧାନ୍ୟ ଦିଆଯାଉଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ସେ କହିଛନ୍ତି ଗତ ୧୧ ବର୍ଷ ମଧ୍ୟରେ

ସରକାର ନିରନ୍ତର ଭାବେ କୃଷକମାନଙ୍କୁ ସଶକ୍ତ କରିବା ଲାଗି ପଦକ୍ଷେପ ନେଉଛନ୍ତି । ଯେଭଳି କୃଷିକ୍ଷେତ୍ରରେ ଅଧିକରୁ ଅଧିକ ନିବେଶ ହୋଇପରିବ, ସରକାର ତାହା ଉପରେ ପ୍ରାଧାନ୍ୟ ଦେଉଛନ୍ତି । ପ୍ରଧାନମନ୍ତ୍ରୀ କହିଛନ୍ତି, ପଶୁ ପାଳନ ହେଉ  କିମ୍ବା ମତ୍ସ୍ୟଚାଷ ଅବା ମହୁଚାଷ, କ୍ଷୁଦ୍ର କୃଷକ ହୁଅନ୍ତୁ କିମ୍ବା ଭୂମିହୀନ ପରିବାର, ସମସ୍ତଙ୍କୁ ଏହି ଯୋଜନାଗୁଡ଼ିକରେ ଲାଭ ମିଳିବା ସହ  ସେମାନେ ଆଗ୍ରସର ହୋଇପାରିବେ ।

ନିଜ ଅଭିଭାଷଣରେ ଶ୍ରୀ ମୋଦୀ **ନମୋ ଡ୍ରୋନ୍ ଦିଦି**ଙ୍କ ବିଷୟରେ କହିଛନ୍ତି । ଦେଶର କୃଷିକ୍ଷେତ୍ରରେ ସାର ଏବଂ କୀଟନାଶକ ସିଞ୍ଚନ କିଭଳି ଆଧୁନିକ ଉପାୟରେ ହୋଇପାରିବ, ନମୋ ଡ୍ରୋନ୍ ଦିଦିମାନେ ତାହାର ନେତୃତ୍ୱ ନେଉଛନ୍ତି ।

ଆୟୋଜିତ ସମାରୋହରେ କେନ୍ଦ୍ର କୃଷି ଓ କୃଷକ କଲ୍ୟାଣମନ୍ତ୍ରୀ ଶିବରାଜ ସିଂ ଚୌହାନ ଯୋଗଦେଇ କୃଷକଙ୍କ କଲ୍ୟାଣ ନିମନ୍ତେ କେନ୍ଦ୍ର ସରକାରଙ୍କ ବହୁବିଧ ଯୋଜନା ସଂପର୍କରେ ଆଲୋଚନା କରିଥିଲେ । ସେ କହିଥିଲେ :

**V/O (Shivraj)**

# ବିହାର ଇଲେକ୍ସନ

ବିହାର ବିଧାନସଭା ନିର୍ବାଚନ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ବିଭିନ୍ନ ରାଜନୈତିକ ଦଳଗୁଡ଼ିକ ଚଳଚଞ୍ଚଳ ହୋଇପଡ଼ିଛନ୍ତି । ନୂଆଦିଲ୍ଲୀରେ ଆଜି ଗଣମାଧ୍ୟମ ସହ କଥାବାର୍ତ୍ତା କରି ବିହାର ବିଜେପି

ଅଧ୍ୟକ୍ଷ ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି, ଜାତୀୟ ଗଣତାନ୍ତ୍ରିକ ମେଣ୍ଟ ମଧ୍ୟରେ ସମସ୍ତ ବିଷୟ ଚୂଡ଼ାନ୍ତ ହୋଇଛି ।

ଅନ୍ୟପକ୍ଷରେ ଆର୍‌ଜେଡି ନେତା ମୃତ୍ୟୁଞ୍ଜୟ ତିୱାରୀ କହିଛନ୍ତି, ମହାଗଠବନ୍ଧନରେ କୌଣସି ପ୍ରକାରର ମତଭେଦ ଦେଖାଦେଇ ନାହିଁ । ସେ କହିଛନ୍ତି, ଖୁବ୍‌ଶୀଘ୍ର ମହାଗଠବନ୍ଧନ ପକ୍ଷରୁ ଆସନ ଆବଣ୍ଟନ ନେଇ ଘୋଷଣା କରାଯିବ ।

---

## ବିହାର-ପଲିଟିକାଲ୍

ଭାରତୀୟ ଜନତା ପାର୍ଟି କୋର୍ କମିଟିର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆଜି ସକାଳେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଛି । ବିହାର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଏହି ବୈଠକ ବସିଥିବା ଜଣାପଡ଼ିଛି । ବିହାର ବିଜେପି ଦାୟିତ୍ୱରେ ଥିବା ବିନୋଦ ତାୱ୍‌ଡେଙ୍କ ବାସଗୃହରେ ଏହି ବୈଠକ ବସିଥିଲା । ବୈଠକ ପରେ ବିହାର ବିଜେପି ଅଧ୍ୟକ୍ଷ ଡକ୍ଟର ଦିଲ୍ଲୀପ ଜୟସ୍ୱାଲ କହିଛନ୍ତି, ଦଳ ପକ୍ଷରୁ ଆଗାମୀ ବିଧାନସଭା ନିର୍ବାଚନ ନିମନ୍ତେ ୩ ଜଣ ପ୍ରାର୍ଥୀଙ୍କ ନାମ ଚୂଡ଼ାନ୍ତ ହୋଇଛି । ସେହି ନାମଗୁଡ଼ିକ ଉପରେ ଆଲୋଚନା ଜାରି ରହିଛି । ସେ କହିଛନ୍ତି, କୋର୍ କମିଟି ବୈଠକ ପରେ ଜାତୀୟ ଗଣତାନ୍ତ୍ରିକ ମେଣ୍ଟର ଆଜି ସନ୍ଧ୍ୟାରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହେବ । ସେହି ବୈଠକରେ ଆସନ ଆବଣ୍ଟନ ନେଇ ନିଷ୍ପତ୍ତି ନିଆଯିବ ଓ ପରେ ଘୋଷଣା କରାଯିବ । ଆମ ପାଟନା ସମ୍ବାଦଦାତା ଜଣାଇଛନ୍ତି, ଏନ୍‌ଡିଏର ସହଭାଗୀ ରାଷ୍ଟ୍ରୀୟ ଲୋକମୋର୍ଚ୍ଚା ମୁଖ୍ୟ ଉପେନ୍ଦ୍ର କୁଶୱାହା କହିଛନ୍ତି, ଆସନ ଆବଣ୍ଟନ ନେଇ ଚୂଡ଼ାନ୍ତ ହୋଇନାହିଁ, ଏ ସଂପର୍କରେ ଆଲୋଚନା ଜାରି ରହିଛି । ଆଜି ସକାଳେ ସାମାଜିକ

ଗ୍ଣମାଧ୍ୟମରେ ସେ କହିଛନ୍ତି ଯେ ଲୋକମାନେ କୌଣସି ଗୁଜବ ପ୍ରତି ଧ୍ୟାନ ଦିଅନ୍ତୁ ନାହିଁ ।

ଅନ୍ୟପକ୍ଷରେ ରାଷ୍ଟ୍ରୀୟ ଜନତା ଦଳ ଅଧ୍ୟକ୍ଷ ଲାଲୁପ୍ରସାଦ ଯାଦବ ଆଜି ଅପରାହ୍ନରେ ଏକ ବୈଠକ କରିବେ ବୋଲି ଜଣାପଡ଼ିଛି । ବୈଠକରେ ଆସନ ଆବଣ୍ଟନ ନେଇ ନିଷ୍ପତ୍ତି ଗ୍ରହଣ କରାଯିବ ବୋଲି ଜଣାପଡ଼ିଛି ।

## ଟ୍ରମ୍ପ ଭିଜିଟ୍

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଆସନ୍ତାକାଲି ଇସ୍ରାଏଲ୍ ଓ ଇଜିପ୍ଟ ଯାତ୍ରା କରି ଇସ୍ରାଏଲ୍ ଏବଂ ହମାସ୍ ମଧ୍ୟରେ ଅସ୍ତ୍ରବିରତି ଚୁକ୍ତି ଚୂଡ଼ାନ୍ତ କରିବେ । ସେଠାରେ ସେ ଚୁକ୍ତି ମୁତାବକ ପଣବନ୍ଦୀମାନଙ୍କୁ ମୁକ୍ତ କରିବେ । ପଣବନ୍ଦୀଙ୍କ ସହ ୨୮ଟି ମୃତଦେହ ମଧ୍ୟ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି । ଉଭୟ ଦେଶ ମଧ୍ୟରେ ବହୁଦିନର ସଂଘର୍ଷ ପରେ ଅସ୍ତ୍ର ବିରତିକୁ ରାଷ୍ଟ୍ରପତି ଟ୍ରମ୍ପ ଏକ ବଡ଼ ସଫଳତା ଭାବେ ବର୍ଣ୍ଣନା କରିଛନ୍ତି । ସୂଚନାଯୋଗ୍ୟ ଗତ ୨ ବର୍ଷ ଧରି ଉଭୟ ଇସ୍ରାଏଲ ଏବଂ ହମାସ୍ ମଧ୍ୟରେ ଆକ୍ରମଣ ଓ ପ୍ରତିଆକ୍ରମଣ ପରେ ଅସ୍ତ୍ରବିରତି ଚୁକ୍ତି ଲାଗୁ ହୋଇଛି । ୨୦୨୩ରେ ହମାସ୍ ଆକ୍ରମଣରେ ୧ ହଜାରରୁ ଅଧିକ ଇସ୍ରାଏଲ୍ ନାଗରିକଙ୍କ ମୃତ୍ୟୁ ହେବା ପରେ ଇସ୍ରାଏଲ୍ ଲଗାତର ଭାବେ ହମାସ୍ ଉପରେ ଆକ୍ରମଣ କରିଆସୁଛି । ଦ୍ୱିତୀୟ ଥର ରାଷ୍ଟ୍ରପତି ଭାବେ

ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ଟ୍ରମ୍ପ ଉଭୟ ପକ୍ଷ ମଧ୍ୟରେ ଶାନ୍ତି ସ୍ଥାପନ ଓ ଅସ୍ତ୍ରବିରତି ପାଇଁ ଚାପ ପ୍ରୟୋଗ କରି ଆସୁଥିଲେ ।

## ବୈଷ୍ଣବ-ଏନ୍‌ଡିଏସ୍

ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ନୂଆଦିଲ୍ଲୀ ରେଳଷ୍ଟେସନ୍ ପରିଦର୍ଶନ କରି ନୂତନ ଭାବେ ନିର୍ମିତ ଯାତ୍ରୀ ସୁବିଧା କେନ୍ଦ୍ର ବୁଲି ଦେଖିଛନ୍ତି । ଗଣମାଧ୍ୟମ ସହ କଥାବାର୍ତ୍ତା କରି ଶ୍ରୀ ବୈଷ୍ଣବ କହିଛନ୍ତି, ଯାତ୍ରୀ ସୁବିଧା କେନ୍ଦ୍ର ଦ୍ୱାରା ଯାତ୍ରୀମାନଙ୍କ ସହଜ ଯାତାୟାତ ବ୍ୟବସ୍ଥା କରାଯିବା ସହ ଷ୍ଟେସନ୍‌ରେ ଯେଭଳି ଭିଡ଼ ନ ଜମିବ, ସେଥିଲାଗି ପଦକ୍ଷେପ ନିଆଯିବ । ସେ କହିଛନ୍ତି, ଷ୍ଟେସନ ଭିତରେ ଥିବା ଟିକେଟ୍ କାଉଣ୍ଟରକୁ ଏହି ସୁବିଧାକେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଛି । ସେଠାରେ ଟିକେଟ୍ ଭେଣ୍ଡିଂ ମେସିନ୍ ସମେତ ୧୫୦ଟି ପାନୀୟ ଜଳ ଓ ଶୌଚାଳୟ ବ୍ୟବସ୍ଥା କରାଯାଇଛି । ଶ୍ରୀବୈଷ୍ଣବ କହିଛନ୍ତି, ଏହିଭଳି ଯାତ୍ରୀ ସୁବିଧା କେନ୍ଦ୍ର ଅନ୍ୟ ୭୬ଟି ରେଳ ଷ୍ଟେସନ୍‌ରେ ନିର୍ମାଣ କରାଯିବ, ଯାହାଫଳରେ ଯାତ୍ରୀଭିଡ଼ କମିବା ସହ ଅଧିକରୁ ଅଧିକ ସୁବିଧା ଯୋଗାଇ ଦିଆଯାଇ ପାରିବ। ଶ୍ରୀ ବୈଷ୍ଣବ କହିଛନ୍ତି, ଆଗାମୀ ଦୀପାବଳି ଓ ଛଟ୍ ପୂଜା ପାଇଁ ୧୨ ହଜାର ସ୍ୱତନ୍ତ୍ର ଟ୍ରେନ୍ ଚଳାଚଳ କରିବ ।

## ଟେଷ୍ଟ କ୍ରିକେଟ୍

ଭାରତ ଏବଂ ୱେଷ୍ଟଇଣ୍ଡିଜ୍ ମଧ୍ୟରେ ଚାଲିଥିବା ଦ୍ୱିତୀୟ ତଥା ଅନ୍ତିମ ଟେଷ୍ଟ କ୍ରିକେଟ୍ ମ୍ୟାଚ୍‌ର ଆଜି ଦ୍ୱିତୀୟ ଦିନରେ ଭାରତ ୫ ୱିକେଟ୍ ବିନିମୟରେ ୫୧୮ ରନ୍ ସଂଗ୍ରହ କରିଛି । ଏଥିସହିତ ଭାରତ ଇନିଂସ୍ ସମାପ୍ତି ଘୋଷଣା କରିଛି । ନୂଆଦିଲ୍ଲୀର ଅରୁଣ ଜେଟ୍‌ଲୀ ଷ୍ଟାଡିୟମରେ ଚାଲିଥିବା ଏହି ଟେଷ୍ଟ ମ୍ୟାଚ୍‌ରେ ଭାରତର ଓପନର ଯଶସ୍ୱୀ ଜୟସ୍ୱାଲ୍ ସର୍ବାଧିକ ୧୭୫ ରନ୍ ସଂଗ୍ରହ କରିଛନ୍ତି । ଗତକାଲି ଭାରତ ୩୧୮ ରନ୍ କରିଥିବା ବେଳେ ଯଶସ୍ୱୀ ଜୟସ୍ୱାଲ୍ ୧୭୩ ରନ୍ କରିଥିଲେ । ସମ୍ବାଦ ପ୍ରସ୍ତୁତ ହେଲାବେଳକୁ ୱେଷ୍ଟଇଣ୍ଡିଜ୍ ପ୍ରଥମ ଇନିଂସରେ ୫ ଓଭର୍‌ରେ ୯ ରନ୍ ସଂଗ୍ରହ କରିଛି ।

## ୱିମେନ୍ସ କ୍ରିକେଟ୍

ଆଇ.ସି.ସି. ମହିଳା ଏକଦିବସୀୟ କ୍ରିକେଟ୍ ବିଶ୍ୱକପ୍‌ରେ ଆଜି ଭାରତୀୟ ସମୟ ଅପରାହ୍ଣ ୩ଟାରେ କଲମ୍ବୋଠାରେ ଇଂଲଣ୍ଡ ଏବଂ ଶ୍ରୀଲଙ୍କା ମଧ୍ୟରେ ମ୍ୟାଚ୍ ଅନୁଷ୍ଠିତ ହେବ ।

ଗତକାଲି ଗୁଆହାଟୀର ବର୍ଷାପାରା ଷ୍ଟାଡିୟମ୍‌ରେ ଅନୁଷ୍ଠିତ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ ୧୦୦ ରନ୍‌ରେ ବାଲାଂଦେଶକୁ ପରାସ୍ତ କରି ପ୍ରତିଯୋଗିତାରେ ପ୍ରଥମ ବିଜୟ ହାସଲ କରିଛି । ପ୍ରଥମେ ବ୍ୟାଟିଂ କରି ନ୍ୟୁଜିଲାଣ୍ଡ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ୍ ହରାଇ ୨୨୭ ରନ୍ ସ୍କୋର କରିଥିଲା । ଏହାର

ଜବାବରେ ବାଂଲାଦେଶ ୩୯ ଓଭର୍ ୫ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୨୭ ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଆକାଶବାଣୀ ସମ୍ବାଦ ବିଭାଗ ପାଇଁ ମୁଁ ଆଦିତ୍ୟନାରାୟଣ ଦାଶ ।